# ଭିମସାର୍‌ରେ ପ୍ରସୂତି ମୃତ୍ୟୁକୁ ନେଇ ତନାଘନା

ସମ୍ବଲପୁର, ୭।୫ (ସମିସ)



ଫାଇଲ ଫଟୋ

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ର ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଖବର ପ୍ରଘଟ ହେବାପରେ ତନାଘନା ଜାରି ରହିଛି। ଆଜି ଏହାକୁ ନେଇ ଭିମ୍‌ସାର କର୍ତ୍ତୃପକ୍ଷଙ୍କ ବୈଠକ ବସି ତର୍ଜମା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରସୂତି ମୃତ୍ୟୁକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଭିମ୍‌ସାରରେ ଗତ ୬ ଦିନ ମଧ୍ୟରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଛି। ଗତ ୧ ତାରିଖ ଦିନ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ବେଳେ ୨ରୁ ୪ ତାରିଖ ମଧ୍ୟରେ ଆଉ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ପୁଣି ୬ ତାରିଖ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ମେ ୧ରୁ ୬ ତାରିଖ ମଧ୍ୟରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବିନକା, ବୌଦ୍ଧ, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଅଞ୍ଚଳର ହୋଇଥିବା କୁହାଯାଉଥିବାବେଳେ ମୃତ୍ୟୁ ସଂଖ୍ୟାକୁ ନେଇ ଭିମ୍‌ସାର ପକ୍ଷରୁ ଆଧିକାରିକ ଭାବେ ପୁଷ୍ଟି ହୋଇ ପାରିନାହିଁ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଔଷଧର ପାର୍ଶ୍ୱ ପ୍ରତିକ୍ରିୟାରୁ ଏଭଳି ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଥିଲା। କିନ୍ତୁ ସେହି ଔଷଧ ଦିଆଯାଇଥିବା ଅନ୍ୟ ବିଭାଗର ରୋଗୀଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥିବା ଜଣାପଡ଼ିଛି।

ଭିମ୍‌ସାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଲାଲମୋହନ ନାୟକ କହିଛନ୍ତି, ପ୍ରତି ମାସରେ ଭିମସାରରେ ପ୍ରାୟ ୬ ଶହ ଜଣ ପ୍ରସୂତି ଭର୍ତ୍ତିହୋଇ ସନ୍ତାନ ପ୍ରସବ କରିଥାନ୍ତି। ସେମାନଙ୍କ ମଧ୍ୟରୁ ୬-୭ ଜଣ ପ୍ରସୂତିଙ୍କ ଦୁଃଖଦ ମୃତ୍ୟୁ ହୋଇଥାଏ। ପ୍ରସୂତିଙ୍କୁ ବଞ୍ଚାଇ ନପାରିବା ଦୁଃଖର ବିଷୟ। ଆମେ ସେଥିପାଇଁ ସବୁପ୍ରକାର ଉଦ୍ୟମ କରୁଛୁ। ତେବେ, ସଂଯୋଗବଶତଃ ଚଳିତ ମାସ ପ୍ରଥମ ୭ ଦିନ ମଧ୍ୟରେ ୭ ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଯାଇଛି। ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ହୋଇଥିଲେ ଅନ୍ୟ ବିଭାଗରେ ମଧ ହୋଇଥାନ୍ତା, କାରଣ ସମାନ ଔଷଧ ଅନ୍ୟ ବିଭାଗରେ ରୋଗୀ ମାନଙ୍କୁ ଦିଆଯାଉଛି। ଏହି ଘଟଣାକୁ ନେଇ ଆଜି ଉଚ୍ଚସ୍ତରୀୟ ବୈଠକ ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗକୁ ଶୀଘ୍ର ରିପୋର୍ଟ ପଠାଯିବ ବୋଲି ଡା. ନାୟକ ସୂଚନା ଦେଇଛନ୍ତି।

# ବିଜେପିର ମଣ୍ଡଳ ପ୍ରଭାରୀଙ୍କ ନାମ ଘୋଷଣା

**ସମ୍ବଲପୁର, ୭।୫ (ସମିସ):** ଓଡ଼ିଶା ପ୍ରଦେଶ ବିଜେପି ଅନୁମୋଦନକ୍ରମେ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ଆଜି ସମ୍ବଲପୁର ଜିଲ୍ଲାର ସମସ୍ତ ୨୭ଟି ମଣ୍ଡଳର ମଣ୍ଡଳ ପ୍ରଭାରୀଙ୍କ ନାମ ଘୋଷଣା କରିଛନ୍ତି। ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଗଣମାଧ୍ୟମକୁ ଦେଇଥିବା ସୂଚନା ମୁତାବକ, ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୬ଟି ମଣ୍ଡଳ ପାଇଁ ସୁଶାନ୍ତ ପୁରୋହିତଙ୍କୁ ସମଲେଶ୍ୱରୀ ମଣ୍ଡଳ, ଅଶ୍ୱିନୀ ସ୍ୱାଇଁଙ୍କୁ ହୀରାକୁଦ ମଣ୍ଡଳ, ନିରଞ୍ଜନ କିଶୋର ଦାସଙ୍କୁ ମହାନଦୀ ମଣ୍ଡଳ, ଅନିଲ ବେହେରାଙ୍କୁ ବୁର୍ଲା ମଣ୍ଡଳ, ସମୀର ରଞ୍ଜନ ବାବୁଙ୍କୁ ସାକ୍ଷୀଗୋପୀନାଥ ମଣ୍ଡଳ ଏବଂ ଫଣୀଭୂଷଣ ମିଶ୍ରଙ୍କୁ ବୀର ବିର୍ସା ମୁଣ୍ଡା ମଣ୍ଡଳର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ସେହିପରି ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୬ଟି ମଣ୍ଡଳ ପାଇଁ ପ୍ରଶାନ୍ତ ବାରିକଙ୍କୁ ରେଙ୍ଗାଲି ମଣ୍ଡଳ, ନବୀନ ପ୍ରଧାନଙ୍କୁ ଲଇଡ଼ା ମଣ୍ଡଳ, ସୁଧୀର ଗୁପ୍ତାଙ୍କୁ ଶାସନ ମଣ୍ଡଳ, ଆଶିଷ ହୋତାଙ୍କୁ ଗୋଶାଳା ମଣ୍ଡଳ, ପ୍ରକାଶ ପ୍ରଧାନଙ୍କୁ ପରମାଣପୁର ମଣ୍ଡଳ ଏବଂ ଦାମୋଦର କରଙ୍କୁ ମାନେଶ୍ୱର ମଣ୍ଡଳର ଦାୟିତ୍ୱ ପ୍ରଦାନ କରାଯାଇଛି। ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ମଣ୍ଡଳ ୮ଟି ମଣ୍ଡଳ ପାଇଁ ନେତ୍ରାନନ୍ଦ ରାଉଳଙ୍କୁ ନାକଟିଦେଉଳ ମଣ୍ଡଳ, ପ୍ରମୋଦ ସାହୁଙ୍କୁ କିସିଣ୍ଡା ମଣ୍ଡଳ, ବିଚିତ୍ରାନନ୍ଦ ସାହୁଙ୍କୁ ଚାରମାଲ ମଣ୍ଡଳ, ରାଜା ପାଲଙ୍କୁ ରେଢ଼ାଖୋଲ ନଗର ମଣ୍ଡଳ, ପ୍ରତାପ ପ୍ରଧାନଙ୍କୁ ସନ୍ଥକବି ଭୀମଭୋଇ ମଣ୍ଡଳ, ସସ୍ମିତା ଦେହୁରୀଙ୍କୁ ଯୁଯୋମୁରା ମଣ୍ଡଳ, ନମ୍ରସକାନ୍ତ ପଟ୍ଟନାୟକଙ୍କୁ ପଡ଼ିଆବାହାଲ ମଣ୍ଡଳ ଏବଂ ସନ୍ତୋଷ ହସ୍ତୀଙ୍କୁ ହୁମା ମଣ୍ଡଳର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ସେହିପରି କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୭ଟି ମଣ୍ଡଳ ପାଇଁ ବୀରେନ୍ଦ୍ର ଚୌଧୁରୀଙ୍କୁ କେସେଇବାହାଲ ମଣ୍ଡଳ, ବିରଞ୍ଚି ନାରାୟଣ ଦର୍ଶା ଓ ରୁଦ୍ର ପ୍ରତାପ ଦେଓଙ୍କୁ ବାମରା ମଣ୍ଡଳ, ଦୁଷ୍ମନ୍ତ ନାୟକଙ୍କୁ କୁଚିଣ୍ଡା ନଗର ମଣ୍ଡଳ, ବିଭୂତି କଲ୍ୟାଣ ପଟେଲ ଓ ମମତା ପଟେଲଙ୍କୁ ଚୈତ୍ରା ମଣ୍ଡଳ, ସୁନୀଲ ଦାସ ଓ ସୁଶାନ୍ତ କେରକେଟାଙ୍କୁ ଗୁଦଗୁଦା ମଣ୍ଡଳ, ଦୀପକ ପଟେଲ ଓ ସୁନୀଲ ମୁଦୁଲୀଙ୍କୁ ଗୁଣ୍ଡୁରୁଚୂଆଁ ମଣ୍ଡଳ ଏବଂ ନରେଶ ସିଂ ଠାକୁର ଓ ଅରୁଣ ପଟେଲଙ୍କୁ ଜମନକିରା ମଣ୍ଡଳର ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୭।୫ (ସମିସ) :** ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ରୋହିଦାସ ନଗରର ଜଣେ ଯୁବକ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଯୁବକ ଜଣକ ସୁନୀଲ ରୋହିଦାସ (୩୬) ବୋଲି ପୁଲିସ କହିଛି। ସୂଚନା ଅନୁଯାୟୀ, ସେ ମୁଦିପଡ଼ା ଜଗନ୍ନାଥ ମନ୍ଦିର ନିକଟରେ ମିସ୍ତ୍ରୀ ଭାବେ କାମ କରନ୍ତି। ଆଜି ସକାଳେ ସୁନୀଲ ସେଠାକୁ ଆସି ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ସ୍ଥାନୀୟ ଲୋକେ ଟାଉନ ଥାନାକୁ ସୂଚନା ଦେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## କଫସିରପ୍ ଜବତ, ଯୁବକ ଗିରଫ

**ସମ୍ବଲପୁର, ୭।୫ (ସମିସ) :** ସମ୍ବଲପୁର ଧନୁପାଲି ପୁଲିସ ଚଢ଼ଉ କରି କଫସିରପ୍ ଜବତ କରିବାସହ ଜଣେ ଚାଲାଣକାରୀକୁ ଗିରଫ କରିଛି। ପୁଲିସର ସୂଚନା ଅନୁଯାୟୀ, ଧନୁପାଲି ଥାନା ଅନ୍ତର୍ଗତ ପିଡବ୍ଲ୍ୟୁଡି ଛକ ନିକଟରେ ଚଢ଼ଉ କରି ପୁଲିସ ଏସ୍‌କେ ତାଜ୍ ଓରଫ୍ ମମତାଜ (୨୨) ଠାରୁ ୨୫ ବୋତଲ କଫ ସିରପ ଏବଂ ୧୫ ଲିଟର ଅପମିଶ୍ରିତ ନିଶା ପଦାର୍ଥ ଜବତ କରିଛି। କେସ ନଂ. ୧୬୫/୨୦୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି।

## ଗୃହବନ୍ଦୀରେ ସାତକମାଗ୍ରାମର ଧନଞ୍ଜୟ



**କୁଚିଣ୍ଡା, ୭।୫(ସମିସ):** କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ପଞ୍ଚାୟତ ସାତକମାଗ୍ରାମର ଧନଞ୍ଜୟ ଦାସଙ୍କ ପରିବାର ବର୍ଷେରୁ ଉର୍ଦ୍ଧ୍ୱ ହେବ ଗୃହବନ୍ଦୀ ଭାବେ ଜୀବନ ବିତାଉଛନ୍ତି।ଘରୁ ପଦାକୁ ବାହାରି ବାକୁ ହେଲେ ବହୁ ବାରଣରେ ବାହାରୁଛନ୍ତି। କାରଣ ଏକ ମାତ୍ର ବାଟ ଷ୍ଟିଲ ରୋଲିଂ ଘେରା ସାତକମାଗ୍ରାମର ରାଧାକୃଷ୍ଣ ଯାତ୍ରା ମଣ୍ଡପ ଭିତରେ ଦେଇ ବାହାରକୁ ବାହାରୁଛନ୍ତି। ସରକାରୀ ଅନୁଦାନରେ ନିର୍ମିତ ହୋଇ କ୍ଲବ୍ ଘରଟି ଗ୍ରାମର ଜନୈକ ବ୍ୟକ୍ତି ପଟ୍ଟା କରାଇ ଦେଇଥିବା ବେଳେ ଉକ୍ତ କ୍ଲବ୍ ଘରକୁ ନିଜ ଅକ୍ତିଆର ରଖି ଚାରିପଟୁ ଆବଦ୍ଧ କରି ଦେଇଛନ୍ତି। ଫଳରେ ଧନଞ୍ଜୟଙ୍କ ପରିବାର ଗ୍ରାମବାସୀଙ୍କ ଦୟାରେ ଯାତ୍ରାମଣ୍ଡପ ଭିତର ଦେଇ ଚଳପ୍ରଚଳ କରିବାକୁ ବାଧ ହେଉଛନ୍ତି। ଏନେଇ ଅନେକ ଥର ପ୍ରଶାସନ ଦ୍ୱାରସ୍ଥ ହୋଇ ନିରାଶ ହେବା ଫଳରେ ଆଉ କାହାରି ଆଗରେ ଗୁହାରି ନକରି ନିଜ ଭାଗ୍ୟକୁ ଆଦରି ଗୃହବନ୍ଦୀ ଭାବେ ଜୀବନ ବିତାଉଛନ୍ତି।ଏହି ନିରୀହ ପରିବାର ପ୍ରତି ପ୍ରଶାସନ ଯତ୍ନବାନ ହୋଇ ତାଙ୍କର ସ୍ଥାୟୀ ପ୍ରତିକାର କଲେ ସୁବିଧାରେ ଯାତାୟାତ କରିପାରନ୍ତା।

## ବର୍ଜ୍ୟପୁଷ୍ପରୁ ଧୂପକାଠି ତିଆରି ତାଲିମ

**ସମ୍ବଲପୁର, ୭।୫ (ସମିସ) :** ବରଗାଁସ୍ଥିତ ପ୍ରଭାବତୀ କଲ୍ୟାଣ ମଣ୍ଡପଠାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ବର୍ଜ୍ୟପୁଷ୍ପ ଗୁଣ୍ଡକୁ ବ୍ୟବହାର କରି ଧୂପକାଠି ତିଆରି କରିବା ତାଲିମ ଦିଆଯାଇଥିଲା। ଏହି ଯୋଜନା ନିମନ୍ତେ ନାବାର୍ଡ ସହାୟତା ପ୍ରଦାନ କରିଥିବାବେଳେ 'ଆଦର୍ଶ' ଅନୁଷ୍ଠାନ ଏହାକୁ ସଂଯୋଜନା କରୁଛି। ମହିଳା ମାନଙ୍କୁ ୧୫ ଦିନର ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗୀତାଞ୍ଜଳି ଦାସ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଉନ୍ନତ ମାନର ଧୂପକାଠି ତିଆରି ବିଷୟରେ ଜାଣିବା ପାଇଁ ମହିଳା ମାନଙ୍କୁ ଭୁବନେଶ୍ୱର ପୋଖରୀପୁଟସ୍ଥିତ ପୁଷ୍ପବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ରକୁ ପରିଭ୍ରମଣରେ ନିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ନାବାର୍ଡ ଏଜିଏମ୍ ଧିରେନ କୁମାର ଦାଶ, ଏଲ୍‌ଡିଏମ୍ ସମ୍ବଲପୁର ଦେବକିଶୋର ନାୟକ, ବରଗାଁ ପଞ୍ଜାବ ନେସନାଲ ବ୍ୟାଙ୍କ ପ୍ରବନ୍ଧକ ଅକ୍ଷୟ କୁମାର ବାରିକ, ବରଗାଁ ସରପଞ୍ଚ ପ୍ରଭାସିନୀ ହୋତା, 'ଆଦର୍ଶ' ସମ୍ପାଦକ ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଦର୍ଶ ଅନୁଷ୍ଠାନର ଉମାଶଙ୍କର ଜେନା, ରୀତିକା ମୁଣ୍ଡା, ଚଞ୍ଚଳା ପଧାନ, ଅନିମା ବାଗ, ପୁଷ୍ପାଞ୍ଜଳି ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ହୀରାକୁଦକୁ ପର୍ଯ୍ୟଟନ ନା'ରେ ବିକ୍ରି କରିବା ବନ୍ଦ କରାଯାଉ: କଂଗ୍ରେସ

**ସମ୍ବଲପୁର, ୭।୫(ସମିସ):** ସମ୍ବଲପୁର ଜିଲ୍ଲାରେ ଇକୋ ପର୍ଯ୍ୟଟନ ନାମରେ ଚାଲୁଥିବା ଯୋଜନାବିହୀନ କାର୍ଯ୍ୟକୁ ନେଇ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ହୀରାକୁଦ ଡ୍ୟାମ୍ ଭଳି ସମ୍ବେଦନଶୀଳ ପରିଧିରେ ପ୍ରସ୍ତାବିତ ଇକୋ ପର୍ଯ୍ୟଟନ ପ୍ରକଳ୍ପ ଗୁଡିକର ସମସ୍ତ ତଥ୍ୟ ସାର୍ବଜନୀନ କରାଯାଇ ନିରପେକ୍ଷ ତଦନ୍ତ ପର୍ଯ୍ୟନ୍ତ କାର୍ଯ୍ୟ ସୁଗିତ କରିବାକୁ ଜିଲ୍ଲା କଂଗ୍ରେସ ସଭାପତି ଇଂ. ଅମିତ କୁମାର ଗୁରୁ ଦାବି କରିଛନ୍ତି। ସମନ୍ୱିତ ପର୍ଯ୍ୟଟନ ମାଷ୍ଟର ପ୍ଲାନ ଭାବେ ଏହି ପ୍ରକଳ୍ପର କାମ କରାଯାଉଛି। ତେବେ ପରିବେଶ ଓ ସାର୍ବଜୀନନ ହିତକୁ ଅବହେଳା ଯୋଗୁଁ ଏକ ବିବାଦାସଦ ପଦକ୍ଷେପ କୁହାଯାଉଛି। ଆରେଭାଲ ପ୍ଲାଜା ତିଆରି ପାଇଁ ଏବେ ପର୍ଯ୍ୟନ୍ତ ୨ହଜାରରୁ ଅଧିକ ଗଛ କଟାଯାଇଛି। ଏହା ଇକୋ ପ୍ରକଳ୍ପର ମୂଳ ଧାରଣାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସହିତ ଏଠାରେ ପଞ୍ଚ ତାରକା ହୋଟେଲ ନିର୍ମାଣ ପାଇଁ ଯୋଜନା ପରିବେଶକୁ ବ୍ୟାପକ ପ୍ରଭାବିତ କରିବାର ଆଶଙ୍କା ରହିଛି। ଇଡକୋ ମାଧ୍ୟମରେ ୧୦୦ଏକର ଠାରୁ ଅଧିକ ଜମିକୁ ବେସରକାରୀ ବ୍ୟବହାର ପାଇଁ ଯୋଜନା ସରକାରୀ ସମ୍ପତ୍ତିର ବ୍ୟବହାର ଓ ପାରଦର୍ଶିତ ଉପରେ ପ୍ରଶ୍ନ ଉଠାଇଛି।ହୀରାକୁଦ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ। ଏହା ଜଳ ସମିତ ସଂରକ୍ଷଣ, ବନ୍ୟା ନିୟନ୍ତ୍ରଣ, ବିଦ୍ୟୁତ ଉତ୍ପାଦନ ସହ୍ଚ ସାମଗ୍ରିକ ଭାବେ ଜନଜୀବନ ସହ ଜଡିତ ରହିଛି। ହୀରାକୁଦ ଉପରେ କୌଣସି ପ୍ରକାର ନିର୍ମାଣ ପାଇଁ ସ୍ପଷ୍ଟ ଅନୁମୋଦନ, ଜନମତ ସଂଗ୍ରହ ଓ ଆଇନଗତ ଦିଗ ଉପରେ ସାଧାରଣଲୋକଙ୍କ ସମ୍ମୁଖରେ ତଥ୍ୟ ଉପସ୍ଥାପନ କରାଯାଉ ବୋଲି ଇଂ. ଗୁରୁ ଦାବି ଦାବି କରିଛନ୍ତି।

# ସୌରଭ ନାୟକ ଏମ୍‌ସିଏଲ୍‌ର ଚିଫ୍ ଭିଜିଲାନ୍ସ ଅଫିସର

**ସମ୍ବଲପୁର, ୭।୫ (ସମିସ) :** ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ଚିଫ୍ ଭିଜିଲାନ୍ସ ଅଫିସର (ସିଭିଓ) ଭାବେ ଗତ ଗୁରୁବାର ସମ୍ପ୍ରିତ ସୌରଭ ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ନାୟକ ୨୦୧୨ ବ୍ୟାଚ୍‌ର ଭାରତୀୟ ରେଳ ଯାତାୟାତ ସେବା (ଆଇଆର୍‌ଟିଏସ୍) ଅଧିକାରୀ ଏବଂ ସେ



ପୂର୍ବତଟ ରେଳପଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ, ବାଣିଜ୍ୟିକ ଏବଂ ସୁରକ୍ଷା ବିଭାଗରେ ଦାୟିତ୍ୱ ତୁଲାଇଛନ୍ତି। ସେ ଖୋର୍ଦ୍ଧା ରୋଡ୍‌ର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁରର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଏବଂ ସମ୍ବଲପୁରର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ସମ୍ବଲପୁର ମଣ୍ଡଳରେ ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ଭିତ୍ତିଭୂମି ପ୍ରକଳ୍ପ ସମେତ ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରସିପ୍ (ପିପିପି) ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ସତର୍କତା ପ୍ରଶାସନ, ସ୍ୱଚ୍ଛତା ଏବଂ ନୈତିକ ଶାସନକୁ ଅଧିକ ସୁଦୃଢ଼ କରିବା ପାଇଁ ତାଙ୍କର ବିଭିନ୍ନ କ୍ଷେତ୍ରର ଅଭିଜ୍ଞତା, ନେତୃତ୍ୱ ଏବଂ ପ୍ରଶାସନିକ ଦକ୍ଷତା, ଦେଶର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ କମ୍ପାନୀର ସହାୟକ ସାଜିବ ବୋଲି ଆଶାପ୍ରକାଶ କରାଯାଇଛି।

# ଓଡ଼ିଆରେ ଯୁକ୍ତ-୨ ବିଜ୍ଞାନ ଶିକ୍ଷାଦାନକୁ ନେଇ ପ୍ରଶିକ୍ଷଣ ଶିବିର



**ସମ୍ବଲପୁର, ୭।୫ (ସମିସ) :** ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଓଡ଼ିଆରେ ଯୁକ୍ତ-୨ ବିଜ୍ଞାନ ଶିକ୍ଷାଦାନକୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ପ୍ରତିଷ୍ଠାନର ମିଳିତ ପ୍ରୟାସରେ ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷାଦାନ କରୁଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ଅଭିମୁଖୀକରଣ ହୋଇଥିଲା। ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଅଧ୍ୟାପକ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ପ୍ରତିଷ୍ଠାନର ସଂଯୋଜକ ନିରୋଦ ବରଣ ଖୁଣ୍ଟିଆ ଯୋଗ ଦେଇଥିଲେ। ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶ ଅତିଥିଙ୍କୁ ସ୍ୱାଗତ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ସାଧନ କର୍ମୀ ଭାବରେ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅରବିନ୍ଦ ନାୟକ ଓ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୋଶନ ଭୋଇ ଯୋଗ ଦେଇଥିଲେ। ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଶିବିର ଆୟୋଜନର ସହଯୋଗ କରିଥିଲେ।

# ଫାଷ୍ଟଫୁଡ୍ ଦୋକାନରେ ନିଆଁ

**ସମ୍ବଲପୁର, ୭।୫ (ସମିସ) :** ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ଏକ ଫାଷ୍ଟଫୁଡ୍ ଦୋକାନରେ ଆଜି ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗି ଦୋକାନର ସମସ୍ତ ସାମଗ୍ରୀ ହୁତୁହୁତୁ ହୋଇ ଜଳି ଯାଇଥିଲା। ତୁରନ୍ତ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ସ୍ଥାନରେ ଥିବା ଫାଷ୍ଟଫୁଡ୍ ଦୋକାନ ସହ ନିକଟସ୍ଥ ଏକ ଜଳଖିଆ ଦୋକାନ ମଧ ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଅନ୍ୟ ଏକ ଦୋକାନକୁ ନିଆଁ ବ୍ୟାପୁଥିବାବେଳେ ତାହାକୁ ଲିଭାଇ ଦିଆଯାଇଥିଲା। ଦୋକାନରେ ଥିବା ଫ୍ରିଜ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜଳି ଯାଇଥିବା ଅଗ୍ନିଶମ ବିଭାଗ ଅଧିକାରୀ ସୁଦାମ କିସ୍‌କୋ ସୂଚନା ଦେଇଛନ୍ତି। ଅଗ୍ନିଶମ ବିଭାଗର ତ୍ୱରିତ୍ ପଦକ୍ଷେପ ଫଳରେ ଏକ ବଡ଼ ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇପାରିଛି।



'ଅପରେସନ ସିନ୍ଦୂର'ର ଏକବର୍ଷ ପୂର୍ତ୍ତି

# ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ଭାରତୀୟ ସେନାକୁ ସଲାମ

**ସମ୍ବଲପୁର, ୭।୫(ସମିସ):** ଅପରେସନ ସିନ୍ଦୂର ଏକବର୍ଷ ପୂର୍ତ୍ତି ଅବସରରେ ଆଜି ସନ୍ଧ୍ୟାରେ ସ୍ଥାନୀୟ ଲକ୍ଷ୍ମୀଟକିଜ ଛକରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାଭିମାନ ସମ୍ବଲପୁର' ପକ୍ଷରୁ ଭାରତୀୟ ସେନା ବାହିନୀର ଶୌର୍ଯ୍ୟ, ସାହସ ଓ ବୀରତ୍ୱକୁ ସମ୍ମାନ ଜଣାଯାଇଛି। ୨୦୨୫ ଏପ୍ରିଲ ୨ ତାରିଖରେ ଜାମ୍ମୁ-କାଶ୍ମୀରର ପହେଲଗାମରେ ପାକ୍ ପ୍ରାୟୋଜିତ ଆତଙ୍କବାଦୀଙ୍କ ବର୍ବର ଆକ୍ରମଣରେ ୨୬ ଜଣ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହି ଘଟଣାର ୧୫ ଦିନ ପରେ ଭାରତୀୟ ସେନା ପକ୍ଷରୁ 'ଅପରେସନ ସିନ୍ଦୂର' ଆରମ୍ଭ କରାଯାଇଥିଲା। ଏହି ଅଭିଯାନରେ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରର ୯ଟି ଆତଙ୍କବାଦୀ ତାଲିମ ଶିବିର ଉପରେ ଲକ୍ଷ୍ୟଭିତ୍ତିକ ଆକ୍ରମଣ କରାଯାଇ ୧୦୦ରୁ ଅଧିକ କୁଖ୍ୟାତ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା। ୮୮ ଘଣ୍ଟା ଧରି ଚାଲିଥିବା ଏହି ଅଭିଯାନ ପରେ ପାକିସ୍ତାନ ଯୁଦ୍ଧବିରାମ ପ୍ରସ୍ତାବ ରଖିଥିଲା। 'ସ୍ୱାଭିମାନ ସମ୍ବଲପୁର'ର ସମ୍ପାଦକ ଶିଶିର ରଞ୍ଜନ ବହିଦାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେନାବାହିନୀର ଅବସରପ୍ରାପ୍ତ କ୍ୟାପ୍ଟେନ ଦିଲ୍ଲୀପ କୁମାର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ଅପରେସନ ସିନ୍ଦୂର ଭୂୟସୀ ପ୍ରଶଂସା କରିବା ସହ ଭାରତୀୟ ସେନାର ସ୍ୱଦେଶୀ ଜ୍ଞାନକୌଶଳ ସମ୍ପନ୍ନ ଏହି ଅଭୂତପୂର୍ବ ସାମରିକ ଅଭିଯାନକୁ ସଲାମ ଜଣାଇଥିଲେ। ଏହି ଅବସରରେ ମିନୁ ନାୟକ, ସୁନିତା ନାୟକ, ରାଜାରାମ ପାଢ଼ୀ, କୁନ୍ଦନ ପ୍ରଧାନ, କୁନାଲ ପ୍ରଧାନ, ଆକାଶ ସାହୁ, ଅପୂର୍ବ ନାୟକ, ସମୀର ହୋତା, ଦେବାନନ୍ଦ ନାୟକ, ଅନିଲ ପ୍ରଧାନ, ଗଣେଶ ସରକାର, ଗୁଣନିଧି ରାଉତ୍, ଶ୍ରୀଙ୍ଗଶୁ ରାଉତ୍, ସତ୍ୟବାନ ବାଗ, ଚିନ୍ମୟ ଦାସ, ବାବଲୁ ଷଣ୍ଢ, ଟିଙ୍କୁ ସାହୁ, ଦେବନ୍ତ ବେହେରା, ଦେବନ୍ତ ବେହେରା, ଅଭିନାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ସମ୍ବଲପୁରରେ ପହଞ୍ଚିଲା ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା

# 'ଏ ସରକାର ମିଛ ଦଫା ଲଗାଇ ଗିରଫ କରେ'

ସମ୍ବଲପୁର, ୭।୫(ସମିସ)

ପୂର୍ବ ସରକାର ଚାଷୀଙ୍କ ପ୍ରସଙ୍ଗକୁ ଗୁରୁତ୍ୱ ଦିଏ। କୌଣିସ ସମସ୍ୟା ଠିଆ ହେଲେ ଆନ୍ଦୋଳନ କଲେ ସମ୍ମାନର ସହ ଚାଷୀଙ୍କ କଥାକୁ ଶୁଣିଥାଏ। ହେଲେ ବର୍ତ୍ତମାନର ସରକାର ଚାଷୀଙ୍କୁ ଉପେକ୍ଷା କରୁଛି। ଚାଷୀଙ୍କୁ ଶତ୍ରୁ ଭାବି କେବଳ ଜେଲ ପୁରାଇବାକୁ ଚେଷ୍ଟା କରୁଛି। କୌଣସି ମଧ ସମସ୍ୟା ସରକାରଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଆନ୍ଦୋଳନକାରୀଙ୍କୁ ମିଛ ଦଫା ଲଗାଇ ଗିରଫ କରାଯାଉଛି ବୋଲି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ କୁହାଯାଇଛି। ଚାଷୀଙ୍କ ବିଭିନ୍ନ ସମସ୍ୟା, ଚାଷୀଙ୍କୁ ସରକାରୀ ଅଣଦେଖା, ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବି ନେଇ ନବ ନିର୍ମାଣ କୃଷକ ସଂଗଠନ ଆନ୍ଦୋଳନ କରି ଆସୁଛି। ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏପ୍ରିଲ ୧୮ ତାରିଖରୁ କୃଷକ ସ୍ୱାଭିମାନ ଯାତ୍ରା ଆରମ୍ଭ ହୋଇଛି। ଏହା ଗୁରୁବାର ୧୦ ଦିନରେ ସମ୍ବଲପୁରରେ ପହଞ୍ଚିଛି। ଏନେଇ ସାମ୍ବାଦିକ ସମ୍ମିଳନୀରେ ନବ ନିର୍ମାଣ କୃଷକ ସଂଗଠନ ସରକାର ବିରୋଧରେ ଗର୍ଜିଛି।

ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗ ଦେଇ କହିଥିଲେ, ଚାଷୀଙ୍କ ପାଇଁ ସ୍ୱର ଉଠାଉଥିବା ପ୍ରତିନିଧି ଓ ସଙ୍ଗଠନକୁ ରାଜ୍ୟ

**ପୂର୍ବ ସରକାର ଚାଷୀଙ୍କୁ ଉପେକ୍ଷା କରୁ ନ ଥିଲା**

**୧୪ରେ ସମାବେଶରେ ଯୋଗଦାନ ପାଇଁ ଆହ୍ୱାନ**

ସରକାର ବିଭିନ୍ନ ଆଳରେ ଚାପିବାକୁ ଉଦ୍ୟମ କରୁଛନ୍ତି। ଚାଷୀଙ୍କ ସମସ୍ୟାକୁ ନେଇ କେନ୍ଦୁଝର ଜିଲ୍ଲା ଘଟଗାଁରୁ ଆରମ୍ଭ ହୋଇଥିବା ଏକତା ପଦଯାତ୍ରା କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ପୁଲିସ ଭଣ୍ଡୁର କରିଥିଲେ। ଏପରିକି ଅଗଣତାନ୍ତ୍ରିକ ଭାବରେ ଗିରଫ କରିନେଲେ ଏବଂ ତତ୍ ସହିତ ହିଂସା ଓ ଦଙ୍ଗା ଇତ୍ୟାଦି ମିଛ ଆରୋପ ଲଗାଇ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହିତ ୧୩ ଜଣଙ୍କୁ ୧୫ ଦିନ ପାଇଁ ଜେଲ୍ ପଠାଇଦେଲେ। ତେବେ ଏମିତି କରି ସରକାର ସେମାନଙ୍କୁ ଅଟକାଇ ପାରିବେ ନାହିଁ ବୋଲି ସେ କହିଛନ୍ତି। ରାଜ୍ୟରେ କେବଳ ଚାଷୀଙ୍କ ସମସ୍ୟା ନୁହଁ; ଶ୍ରମିକ ଗରିବଙ୍କ ଅନେକ ସମସ୍ୟା ରହିଛି ଓ ସେ ସବୁକୁ ସମ୍ମିଳିତ କରି ନବ ନିର୍ମାଣ କୃଷକ ସଂଗଠନ ସବୁ ବର୍ଗର ଲୋକଙ୍କୁ ଏକ କରିବ। ସରକାର ବିରୋଧରେ ସଂଘର୍ଷ ଜାରି ରଖିବୁ ବୋଲି ସେ କହିଛନ୍ତି। ନବ ନିର୍ମାଣ ସଂଗଠନ ଗୁରୁବାର ସମ୍ବଲପୁରରେ ପହଞ୍ଚିବା ପରେ ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମେ'୧୪ ତାରିଖରେ ଭୁବନେଶ୍ୱରରେ ସ୍ୱାଭିମାନ ଯାତ୍ରା ଶେଷ ହେବ। ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିପାଇଁ ପ୍ରତି ଜିଲ୍ଲାରୁ ସମର୍ଥନ ଆବଶ୍ୟକ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ସାମ୍ବିଦିକ ସମ୍ମିଳନୀରେ ନବ ନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ଡ. କୁଳମଣି, ନବନିର୍ମାଣ ଯୁବଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ଏମଡି ମନୱର ଅଲ୍ଲି, ଗଜପତି ପ୍ରଭାରୀ, ଭଦ୍ରକ ଯୁବ ଛାତ୍ର ସଂଗଠନ ସହସଂଯୋଜକ ପ୍ରଭାତ ମହାଲିକ, ବୌଦ୍ଧ ଜିଲ୍ଲ ସଂଯୋଜକ ନବନିର୍ମାଣ କୃଷକ ସଂଗଠନ ହୃଷିକେଶ ଦେହୁରୀ, ବୌଦ୍ଧ ଜିଲ୍ଲା କର୍ମକର୍ତ୍ତା ସ୍ୱପ୍ନେଶ୍ୱର ପ୍ରଧାନ, ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବୈମକେଷ ଠାକୁର, ପୂର୍ବତନ ସଭାପତି ମୁରାରୀ ପ୍ରସାଦ ପୁରୋହିତ, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ହରିଶଙ୍କର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



## ଛଟେଇ ବିରୋଧରେ ବିଦ୍ୟୁତ୍ ଶ୍ରମିକଙ୍କ ବିକ୍ଷୋଭ

**ପଦ୍ମପୁର, ୭।୫(ସମିସ):** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିଷ୍ପତ୍ତିକୁ ଆଧାର କରି ଟାଟା ପାୱାର ପକ୍ଷରୁ ଖର୍ଚ୍ଚ କାଟ୍ ନୀତି ଅନୁସରଣ କରାଯାଉଛି। କର୍ମଚାରୀ ଓ ଠିକା କର୍ମଚାରୀଙ୍କ ଛଟେଇ ପାଇଁ ଏଜେନ୍ସିଗୁଡ଼ିକ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ପଶ୍ଚିମ ଓଡ଼ିଶାରେ ଅସନ୍ତୋଷ ଦେଖା ଦେଇଛି। ଏହାର ପ୍ରତିବାଦରେ ୱେଷ୍ଟର୍ଣ୍ଣ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ଆହ୍ୱାନ କ୍ରମେ ପଶ୍ଚିମ ଓଡ଼ିଶାର ସମସ୍ତ ବର୍ଗର ବିଦ୍ୟୁତ୍ ଶ୍ରମିକ ଓ କର୍ମଚାରୀ ଏପ୍ରିଲ ୩୦ ତାରିଖଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ପଶ୍ଚିମାଞ୍ଚଳର ବିଭିନ୍ନ ବିଦ୍ୟୁତ୍ ସେକ୍ସନ, ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିଦିନ ଅଧଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ପଦ୍ମପୁର ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ସିନିୟର ଚାର୍ଜମ୍ୟାନ ସୁରେନ୍ଦ୍ର ଦୋରା ଓ ହେମରାଜ ବଗର୍ତ୍ତିଙ୍କ ନେତୃତ୍ୱରେ ବି.ଏ. କର୍ମଚାରୀ ଓ ଠିକା କର୍ମଚାରୀ ଅଧଘଣ୍ଟା ଧରି ବିକ୍ଷୋଭ କରୁଛନ୍ତି। ଶ୍ରମିକ ନେତାଙ୍କ କହିବା ଅନୁସାରେ ଏହି ଛଟେଇ ନୀତି ହଜାର ହଜାର କର୍ମଚାରୀଙ୍କ ଜୀବିକାକୁ ସଙ୍କଟମୟ କରିଦେବ। ବିଶେଷକରି ବର୍ଷ ବର୍ଷ ସେବା ଦେଇଆସୁଥିବା ଠିକା ଓ ବି.ଏ. କର୍ମଚାରୀ ଚାକିରି ହରାଇବା ଭୟରେ ରହିଛନ୍ତି। ତେଣୁ ସରକାର ଓ ଟାଟା ପାୱାର ପକ୍ଷରୁ ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଛନ୍ତି। ଆନ୍ଦୋଳନକାରୀ ସଚେତନ କରାଇଛନ୍ତି ଯେ, ୧୩ ତାରିଖ ମଧ୍ୟରେ ସରକାର ଏହି ଆଦେଶ ପ୍ରତ୍ୟାହାର କରନ୍ତୁ। ନ ହେଲେ ୧୫ ତାରିଖଠାରୁ ବୁର୍ଲାସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ସମ୍ମୁଖରେ ୫ ହଜାରରୁ ଅଧିକ ବିଦ୍ୟୁତ୍ ଶ୍ରମିକ ଓ କର୍ମଚାରୀ ଧାରଣା ଦେବେ।



## ଏ - ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ୪୬ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



**ବରଗଡ଼, ୭। ୫(ସମିସ):** ଟୁକୁର୍ଲାସ୍ଥିତ ବରଗଡ଼ ବିଜ୍ଞାନ କେନ୍ଦ୍ରରେ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବାର୍ଷିକ ହାଇସ୍କୁଲ୍ ସାର୍ଟିଫିକେଟ ପରୀକ୍ଷାରେ ଜିଲ୍ଲାର ଏ -୧ ଗ୍ରେଡ୍ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ଓ ଆଚିଭର୍ସ ହେଲ୍ପିଂ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ୪୬ ଜଣ ଏ -୧ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ପ୍ରଶଂସା ପତ୍ର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରିବାକୁ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସଏ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଉପସ୍ଥିତ ଥିଲେ। ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସୁଶ୍ରୀ ଦିପଶୀଖା ଗଡ଼ତିଆଙ୍କୁ ନିଶାମଣି ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଦିବ୍ୟକାନ୍ତି ଭୋଇ ତାଙ୍କ ପିତାଙ୍କ ସ୍ମୃତିରେ 'ଘାସିରାମ ସ୍ମୃତି ସମ୍ମାନ' ପ୍ରଦାନ କରିଥିଲେ। ଆଚିଭର୍ସ ହେଲଫିଂ ଫାଉଣ୍ଡେସନର ସଭାପତି ଦିବାକର ମାଝୀ ଓ ସମ୍ପାଦକ ଭଗବାନ ପଧାନ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅମୃତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭବାନୀ ଶଙ୍କର ଗଡ଼ତିଆ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବିଜ୍ଞାନ କେନ୍ଦ୍ର ମୁଖ୍ୟ ଗୋପୀନାଥ ପ୍ରଧାନ, କେନ୍ଦ୍ରର କର୍ମକର୍ତ୍ତା ଓ ଫାଉଣ୍ଡେସନର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ବରପାଲିରେ ନକଲି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ଗୋଦାମ ଉପରେ ଚଢ଼ଉ

## ଖବରକାଗଜରୁ ଚୁଡ଼ା, ପୋଡ଼ା ମୋବିଲରୁ ଖାଇବା ତେଲ







**ବରପାଲି, ୭।୫(ସମିସ)**

**ଲୋକଙ୍କ ଖାଇବା ଥାଳିରେ ବିଷ**

**ବିପୁଳ ପରିମାଣର କ୍ଷତିକାରକ ସାମଗ୍ରୀ ଜବତ**

**ଦୁଇ ଅଭିଯୁକ୍ତ ଗିରଫ, ୭ ପିକଅପ୍ ଜବତ**

ବରଗଡ଼ ଜିଲ୍ଲା ବରପାଲି ସହର ନିୟନ୍ତ୍ରିତ ବଜାର କମିଟି ରାସ୍ତା ନରସିଂହପଡ଼ାସ୍ଥିତ ଏଏସ୍ ଏଣ୍ଟରପ୍ରାଇଜେସ୍ ଉପରେ ଚଢ଼ଉ କରାଯାଇଛି। ଏହା ଏକ ନକଲି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ଗୋଦାମ ଥିଲା। ଅନେକ ଦିନ ହେଲା ଏଠାରେ ବେଧଡକ ଭାବେ ବିଭିନ୍ନ ପ୍ରକାରର ନକଲି ଚକଲେଟ, ବିସ୍କୁଟ, ମୃଦୁ ପାନୀୟ, ଖାଇବା ତେଲ, ଚୁଡ଼ା ଆଦି ନକଲି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଆଖପାଖ ବିଭିନ୍ନ ବଜାରରେ ବିକ୍ରି କରି ବ୍ୟବସାୟୀ ଜଣକ କଳା କାରବାର ଚଳାଇ ଆସୁଥିଲେ। ସବୁଦିନ ଚୋର ଘର ଅନ୍ଧାର ରହେନି। ଶେଷରେ ଏହା ଧରା ପଡ଼ିଛି। ସେଠାରୁ ବିପୁଳ ପରିମାଣର କ୍ଷତିକାରକ ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ଦୁଇ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଅଭିଲାଷ ଅଗ୍ରୱାଲ (୩୧) ଏବଂ ଅଙ୍କିତ ଅଗ୍ରୱାଲ (୩୭)। ସବୁଠୁ ଭୟଙ୍କର ହେଉଛି ଏଠାରେ ଖବରକାଗଜରୁ ଚୁଡ଼ା ତିଆରି ହେଉଥିଲା। ସେହିଭଳି ପୋଡ଼ା ମୋବିଲ୍‌ରୁ ଖାଇବା ତେଲ ପ୍ରସ୍ତୁତ ହେଉଥିଲା। ଚଢଉ କରିବାକୁ ଯାଇଥିବା ଅଧିକାରୀମାନେ ଏହା ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ କାରଖାନା ମାଲିକ ନିଜ ଘର କବାଟ ନ ଖୋଲିବାରୁ ପୁଲିସ ବାସଗୃହକୁ ଘେରାବନ୍ଦୀ ରଖିବା ସହ କାରଖାନାକୁ ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଥିଲା। ବରପାଲି ଥାନା ଆଇଆଇସି ପ୍ରମୋଦ ସାହୁ, ପଦାରବିନ୍ଦ ତ୍ରିପାଠୀ, ତହସିଲଦାର ରୁକ୍ମଣ ମେହେର, ଭୁବନ ଶତପଥୀ, ବରଗଡ଼ ଟାଉନ ଥାନା ଇନ୍ସପେକ୍ଟର ଚିତ୍ତରଞ୍ଜନ ମେହେର, ବରଗଡ଼ ଫୁଡ୍ ଇନ୍ସପେକ୍ଟର ପରମେଶ୍ୱର ନାୟକ, ସାନିଟାରୀ ଇନ୍ସପେକ୍ଟର ତେଜଭାନୁ ସାହୁ, ସୁଜିତ୍ ମଲ୍ଲିକ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଚଢଉ କରିଥିଲେ। ତଲାସୀ ସମୟରେ ଗୋଦାମରୁ ବିପୁଳ ପରିମାଣର ଅପମିଶ୍ରିତ ଓ ନକଲି ଖାଦ୍ୟ ସାମଗ୍ରୀ ଜବତ ହୋଇଛି। ପ୍ରାୟ ୨୦ କୁଇଣ୍ଟାଲ ପୁରୁଣା ଖବରକାଗଜ, କାଠ ଧୂଳି, ଚିନି, ଲେବଲ୍ ବିହୀନ ପ୍ୟାକେଟ, ନକଲି ବ୍ରାଣ୍ଡିଂ ସାମଗ୍ରୀ, ଚକୋଲେଟ କେକ୍, ଜେଲି ଓ ବିଭିନ୍ନ ବ୍ରାଣ୍ଡର ଏକ୍ସପାଇରୀ ଥଣ୍ଡା ପାନୀୟ ମିଳିଥିଲା। ଏହି ସାମଗ୍ରୀଗୁଡ଼ିକୁ ଲୋକପ୍ରିୟ ବ୍ରାଣ୍ଡ ନାମରେ ବଜାରରେ ବିକ୍ରି କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ନମୁନା ସଂଗ୍ରହ କରାଯାଇଛି। ୫ଟି ଷ୍ଟୋରେଜ ହଲ୍‌କୁ ସିଲ୍ କରାଯାଇଛି। ସେହିପରି ୭ଟି ପିକ୍‌ଅପ୍ ମଧ୍ୟ ଜବତ ହୋଇଛି। ଏହି ଘଟଣାରେ ବରପାଲି ଥାନାରେ ମାମଲା ରୁଜୁ ହୋଇଛି।

## ଗୋପାଳକୃଷ୍ଣ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବରଗଡ଼, ୭।୫ (ସମିସ):** ବରଗଡ଼ ଜିଲ୍ଲା ସରସରାସ୍ଥିତ ମିଳିତ ଗ୍ରାମ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସଭା ଅନୁଷ୍ଠିତ ସମାରୋହରେ କରୁଣାକର ସାହୁ ସଭାପତିତ୍ୱ କରିଥିଲେ। ସୂର୍ଯ୍ୟଉଦେ ପଣ୍ଡା, ସୁରେନ୍ଦ୍ର ପଧାନଙ୍କ ସମେତ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ମଞ୍ଚାସୀନ ଥିଲେ।



## ଏକା ସାଙ୍ଗରେ ୫ ଅଫିସରଙ୍କ ବଦଳି



**ଭେଡେନ, ୭।୫ (ସମିସ):** ଭେଡେନ ବ୍ଲକର ୫ ଜଣ ଅଫିସର ଗୋଟିଏ ଦିନରେ ବଦଳି ହୋଇଛନ୍ତି। ବିଡ଼ିଓ କର୍ଣ୍ଣ ସୁନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚକ୍ରପାଣି ଦାଶ, ଭକ୍ତବନ୍ଧୁ ମହାନ୍ତି, କୁବେର ମାଝୀ, କ୍ୟାସିୟର ଶିବଶଙ୍କର ଦୋରାଙ୍କୁ ବଦଳି କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ବିପିଏମ୍ ମୁରଲୀଧର ଗଡ଼ତିଆ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ସୁପ୍ରଭା ମହାଲିଙ୍ଗ, ଟ୍ରେଜେରି ଅଫିସର ମନୋଜ ମେହେର, ଅତିରିକ୍ତ ବିଡ଼ିଓ ସୌଭାଗ୍ୟ ପଧାନଙ୍କ ସମେତ ସ୍ଥାନୀୟ ଲୋକ ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏମାନଙ୍କୁ ବିଦାୟ ଜଣାଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରତ୍ନମଣୀ ତାଣ୍ଡିଆ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ସୁବିଧା କେନ୍ଦ୍ର ଉଦ୍‌ଘାଟିତ

**ବରଗଡ଼, ୭। ୫ (ସମିସ):** ବରଗଡ଼ ବ୍ଲକ ବରମ୍‌କେଲାଠାରେ ନବ ନିର୍ମିତ ଗ୍ରାମ ପଞ୍ଚାୟତ ସୁବିଧା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ କ୍ଷୀରୋଦ୍ରେ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଓଏଭି, ଜେଏନ୍‌ଭି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବରଗଡ଼, ୭।୫(ସମିସ):** ବରଗଡ଼ ବ୍ଲକ ଚକରକେନ୍ଦ କ୍ଲଷ୍ଟର ଅଧୀନ କଳଙ୍ଗାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପୁନମ ବାଗ ସ୍କୁଲର ନାମକୁ ଆଗକୁ ନେଇଛନ୍ତି। ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ଏଥିପାଇଁ ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟମୁଖୀ ମଲ୍ଲିକ, ଶିକ୍ଷକ କୈଳାଶ ଭୋଇ, ମୋହିତ ପତି, ପୁଷ୍ପାଞ୍ଜଳି ମହାକୁର, ସସ୍ମିତା ଥାର୍ଟି ଓ ଉମେଶ ମହାପାତ୍ର ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ଭେଡେନ ମଧ୍ୟପଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଏସ୍‌ଜି ୱାରିୟର ବିଜୟୀ

**ଭେଡେନ, ୭।୫(ସମିସ):** ଭେଡେନସ୍ଥିତ ବଜାର ପ୍ରାଙ୍ଗଣ ଖେଳ ପଡ଼ିଆରେ ଚାଲିଥିବା ମଧ୍ୟପଡ଼ା କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟରେ ଆଜି ମ୍ୟାଚ୍ ଏସଜି ୱାରିୟର ଓ ଦେଶ ବ୍ଲାଷ୍ଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଏସ୍‌ଜି ୱାରିୟର ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଦେଶ ବ୍ଲାଷ୍ଟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ୍ ସଂଗ୍ରହ କରିଥିଲା। ଫଳରେ ଏସ୍‌ଜି ୱାରିୟର ୬୬ ରନ୍‌ରେ ବିଜୟୀ ହୋଇଥିଲା। ଲିପୁନ ବେହେରା ଓ ମହମ୍ମଦ ରାଜୁ ଅତିଥି ଭାବେ ଯୋଗ ଦେଇଥିଲେ।



ଏସ୍‌ଜି ୱାରିୟରର ଅନଙ୍ଗ ନାଏକଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଜ୍ଞାନରଞ୍ଜନ ପଣ୍ଡା ଓ ହାରାଧନ ଭୁକ୍ତା ମ୍ୟାଚ୍ ପଚାଳନା କରିଥିଲେ। ଆୟୁଷ ମେହେର ଓ ଓମ ଲହରିଆ ସ୍କୋରର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମଧ୍ୟପଡ଼ାର ଜିତୁ ବାଗ, ସଚିଦାନନ୍ଦ ସାହୁ, ଗଣେଶ ମହାଲିଙ୍ଗ, ସଞ୍ଜୟ ଲହରିଆ, ସିବିଲ ପଧାନ, ସୁବଳ ଥାପା, ସଞ୍ଜୟ ଲହରିଆ ପ୍ରମୁଖ ସହଯୋଗ କରିଥିଲେ।

## ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି



**ଝାରବନ୍ଧ, ୭।୫(ସମିସ):** ଝାରବନ୍ଧ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଶିଷ୍ଟ ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରାଙ୍କ ସ୍ମୃତିରେ ଏକ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଝାରବନ୍ଧ ବ୍ଲକ କଳା ସଂସ୍କୃତି ସଂଘର ସଭାପତି ତଥା ବିଡିଓ ପର୍ଶୁରାମ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହରିହର ସାହୁ, ମଧୁମୟ କଳା ସଂସ୍କୃତି ସଂଗଠନର ଅଧ୍ୟକ୍ଷ ତଥା ସାମ୍ବାଦିକ ମୋତିଲାଲ ବାଗ ପ୍ରମୁଖ ଯୋଗଦେଇ ଦୁଃଖନାଶନଙ୍କ ସ୍ମୃତିଚାରଣ କରିଥିଲେ। ଝାରବନ୍ଧ ଅଞ୍ଚଳରେ ସଞ୍ଚାର କଳାର ପ୍ରଚାର ପ୍ରସାର ସହ କଳା କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ସ୍ୱର୍ଗତ ବେହେରା ଜଣେ ନିଷ୍ଠାବାନ କଳାକାର ଭାବେ ଗ୍ରାମୀଣ କଳା ଓ ସଂସ୍କୃତିକୁ ଲୋକମାନଙ୍କ ନିକଟକୁ ପହଞ୍ଚାଇବାରେ ନିରନ୍ତର ପ୍ରୟାସ କରି ଦେଶ ବିଦେଶରେ ପରିବେଷଣ କରିଥିଲେ। ତାଙ୍କ ଅକାଳ ବିୟୋଗ କଳାଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ସେମାନେ କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବ୍ଲକ କଳା ସଂସ୍କୃତି ସଂଘର ସମ୍ପାଦକ ତଥା ବିଏସଏସଓ ଆଶିଷ କାଣ୍ଡୁଲାନା, ବରିଷ୍ଠ କଳାକାର ଚକ୍ରପାଣି ସେଠ, ଘନଶ୍ୟାମ ନାଗ, ମଣି ଛତର, ବ୍ରହ୍ମା ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।

## କେନାଲ ପାଣି ବନ୍ଦ କଲେ ପରିସ୍ଥିତି ଭୟଙ୍କର ହେବ

**ବରଗଡ଼, ୭।୫(ସମିସ)**

ଆସନ୍ତା ୧୦ ତାରିଖ ଦିନ କେନାଲ ପାଣି ବନ୍ଦ ହେଲେ ଧାନ ମରିବା ଆଶଙ୍କା ରହିଛି। ଏ ନେଇ ସଂଯୁକ୍ତ କୃଷକ ସଂଗଠନ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏବଂ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଛି। ଆଉ ୧୦ ଦିନ କେନାଲ ପାଣି ଛାଡିବାକୁ ଦାବି କରାଯାଇଛି। ହୀରାକୁଦ ଏସିଆର ସର୍ବବୃହତ ନଦୀବନ୍ଧ ବହୁମୁଖୀ ଯୋଜନା। ଏହି ଡ୍ୟାମରୁ କେବେ ପାଣି ଛଡ଼ାଯିବ କେବେ ବନ୍ଦ ହେବ ତାହାର ନିର୍ଦ୍ଦିଷ୍ଟ ସମୟ ଆଗରୁ ଥିଲା; ହେଲେ କିଛି ବର୍ଷ ହେବ କେବେ ପାଣି ଛଡାହିବ ଏବଂ କେବେ ବନ୍ଦ ହେବ ବିଭାଗୀୟ ଅଧିକାରୀ ମଧ୍ୟ ତାହା ଜାଣି ପାରୁନାହାନ୍ତି। ହୀରାକୁଦ ଡ୍ୟାମ୍ ଅନେକ ସଙ୍କଟ ଦେଇ ଗତି କରୁଛି। ଗୋଟିଏ ପଟେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରି ଜଳ ଅଟକାଉଛି। ଅନ୍ୟପଟେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଏହାର ପାଣି ଯୋଗାଇ ଦିଆଯାଉଛି। ସେହିଭଳି ପଟୁ ମାଟିରେ ହୀରାକୁଦ ପୋତି ହୋଇ ଗଲାଣି। ଆଉ ଏକ ଦିଗ ହେଲା ଠିକ ଭାବେ କେନାଲ ମରାମତି ଅଭାବରୁ ଟେଲ୍ ଅଞ୍ଚଳରେ ଆବଶ୍ୟକ ପାଣି ପହଞ୍ଚି ପାରୁନାହିଁ; କିନ୍ତୁ କେନାଲ ମରାମତି ନାଁରେ ଏପ୍ରିଲ ୧୦ରୁ ପାଣି ବନ୍ଦ କରିଦେଲେ ମାତ୍ରାଧିକ ଜମିର ଧାନ ମରିଯିବ। ଆଜି ଦିନରେ ହୀରାକୁଦ ଡ୍ୟାମ୍‌ରେ ୬୧୨ ଫୁଟ ପାଣି ରହିବା କଥା; ହେଲେ ୬୦୯ ଫୁଟ ପାଣି ଅଛି। ଅଦିନିଆଁ ବର୍ଷା ସମ୍ଭାବନା କମ୍। ଏଣୁ ହୀରାକୁଦ ପରିଚାଳନା ପାଇଁ ଜଳ ସଙ୍କଟ ହୋଇପାରେ। କୃଷକ ସଙ୍ଗଠନର ଦାବି ମୁତାବକ ଯେଉଁ ଅଞ୍ଚଳରେ ପାଣି ଦରକାର ନାହିଁ ସେହି କେନାଲ ବନ୍ଦ କରି ଆବଶ୍ୟକ ଥିବା ଜମିକୁ ପାଣି ଦିଆଯାଉ। ଚଳିତ ବର୍ଷ ଜାନୁୟାରୀ ୧ ତାରିଖରେ ପାଣି ଛଡା ଯାଇଥିଲା। ଶେଷମୁଣ୍ଡରେ ପାଣି ପହଞ୍ଚିବା ପାଇଁ ଡେରି ହେବାରୁ ଧାନ ରୁଆ ଠିକ୍ ସମୟରେ ହୋଇପାରି ନ ଥିଲା। ଧାନ କିଣା ବିଳମ୍ବ ଏବଂ ଶ୍ରମିକ ଅସୁବିଧା ହେତୁ ଡେରିରେ ଚାଷ ଆରମ୍ଭ ହୋଇଛି। ଏଣୁ ବର୍ତ୍ତମାନ ବରପାଲି ଅଞ୍ଚଳର କାଇଁଶିର, ପାଟକୁଲୁଣ୍ଡା, ତୁଳଣ୍ଡି, ରେମତା, ସତଲମା, ଭେଡେନ ବ୍ଲକର କୁବେଡେଗା, ତାଳମେଣ୍ଡା, ଭେଡେନ, ଅଇଁଳାପାଲି, ରେଶମ, ଅରେଇଗୁଡ଼ି, ଲୁହାଖଣ୍ଡି, ମାନପୁର, ଅର୍ଜୁଣ୍ଡା, ରଷୁଡ଼ା, ସଂକୀର୍ଡ଼, ଦେଶଭଟଲି, ଡାଲବ, ବରଗଡ଼ ବ୍ଲକର ଖୁଟପାଲି, କଟାପାଲି ଏବଂ ଅତାବିରା ବ୍ଲକର ଶେଷ ଅଞ୍ଚଳ ବିଶେଷ ପ୍ରଭାବିତ ହେବାର ଆଶଙ୍କା ଅଧିକ ରହିଛି। ଏଣୁ ଅନାବଶ୍ୟକ ଅଞ୍ଚଳକୁ ପାଣି ବନ୍ଦ କରି ଦରକାର ଥିବା ଶେଷମୁଣ୍ଡକୁ ପାଣି ଯୋଗାଇ ଦେବା ପାଇଁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳମ୍ନକ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ ହେବେ ବୋଲି ଏମାନେ ଚେତାବନୀ ଦେଇଛନ୍ତି। ସଂଗଠନର ଉପଦେଷ୍ଟା ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ସୁଦାମ ପାତ୍ର, ତପନ ମିଶ୍ର, ସୁରେଶ ନିକେଣ୍ଟି, ଟେକରାଜ ପଧାନ, ମୋତିଲାଲ ମହାକୁଡ଼, କିରଣ ପଧାନ, କୁନା ପଧାନ, ନବୀନ ପଧାନ, ବିଜୁ ପଧାନ ଏବଂ ପାଣ୍ଡବ କର୍ଣ୍ଣ ପ୍ରମୁଖ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏବଂ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଏହି ଦାବି କରିବା ସହ ଚେତାବନୀ ଦେଇଛନ୍ତି।



**ସମସ୍ୟା ବୁଝି ଆଉ ୧୦ ଦିନ ବୃଦ୍ଧି କରିବାକୁ ଅନୁରୋଧ କଲେ ଚାଷୀ**

**ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ଚେତାବନୀ**

## ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ମହୋତ୍ସବ ପାଇଁ ପ୍ରସ୍ତୁତି



**ବରଗଡ଼, ୭।୫(ସମିସ):** ସ୍ଥାନୀୟ ଏଇ ମିସନ ସ୍କୁଲରେ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନ ୨୮ ଗୁରୁ ଭଗବାନ ସାହୁଙ୍କ ୯୬ତମ ଜୟନ୍ତୀ ପାଳିତ ହେବ ବୋଲି ଏଥିରେ ନିଷ୍ପତ୍ତି ହୋଇଛି। କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନ ଏବଂ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଦଧିବାବନ ଶତପଥୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂହ ସଂଯୋଜନା କରିଥିଲେ। ସଂଗଠନ ସମ୍ପାଦକ ପ୍ରଦୀପ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ସହ ସମ୍ପାଦକ ଡ. ଯଶବୀର ସିଂ ସୈନୀ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ, ବରିଷ୍ଠ ସଦସ୍ୟ ଉଦ୍ଧବ ଚରଣ ବେହେରା, ବିମଳକୃଷ୍ଣ ମିଶ୍ର, ମନୋରଞ୍ଜନ ମେହେର, ପଞ୍ଚାନନ ବାରିକ, ଶିବାନନ୍ଦ ମଟାରୀ, ଅରୁଣ ସାହୁ, ନୁରାବତି ସାହୁ, ସନ୍ତୋଷିନୀ ଦାଶ, ଜୟଶ୍ରୀ ପଣ୍ଡା, ସଙ୍ଗୀତା ଦୀପ, ସନ୍ତୋଷିନୀ ନାଗ, ଯଶୋବନ୍ତି କୁଅଁର, ସାରଥି ମେହେର, ମାନସ ରଞ୍ଜନ ଦାଶ ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ।

